# ମୌଖିକରେ ବିକ୍ରି ହେଉଛି ସରକାରୀ ଜମି

କେନ୍ଦୁଝର,୯ା୬(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ତହସିଲ ଅଞ୍ଚଳରେ ସରକାରୀ ଜମିର ଜବରଦଖଲ ବୃଦ୍ଧି ପାଇବାରେ ଲାଗିଛି। ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ତହସିଲ ପକ୍ଷରୁ ଠୋସ୍ ପଦକ୍ଷେପ ନିଆଯାଉ ନ ଥିବାରୁ ସେମାନଙ୍କୁ ଏକ ପ୍ରକାର ପ୍ରୋତ୍ସାହନ ମିଳୁଛି। ଫଳରେ ସରକାରୀ ଜମିକୁ ପ୍ରଭାବଶାଳୀ ବ୍ୟକ୍ତି ମାଡ଼ିବସୁଛନ୍ତି। ଅଭିଯୋଗ କଲେ କେବଳ ନୋଟିସ ଦେଇ ତହସିଲ ଚୁପ ବସୁଛି। ଏହାର ସୁଯୋଗ ନେଇ ମୌଖିକରେ ସରକାରୀ ଜମି ବିକ୍ରି ହେଉଥିବା ବେଳେ ଗୋଚର ଜମିରେ ଘର ନିର୍ମାଣ ହେଉଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ସଦର ତହସିଲ ମଣ୍ଡୁଆ ରାଜସ୍ୱ ସର୍କଲ ଅନ୍ତର୍ଗତ ଘୁଟୁରୁହୁଡିକୁ କେତେଜଣ ଲୋକ ମୌଖିକ ଭାବେ ବିକ୍ରି କରୁଥିବା ନେଇ ଅଭିଯୋଗ ହୋଇଛି। ସଦର ତହସିଲ ଖାତା ନମ୍ବର ୧୧୪, ପ୍ଲଟ୍ ନମ୍ବର ୧୯୧ରେ ପ୍ରାୟ ୪ ଏକର ୮୮ ଡିସିମିଲ ଜମି ରହିଛି। ବିଭିନ୍ନ କିସମର ଜଙ୍ଗଲରେ ପରିପୂର୍ଣ୍ଣ ଏହି ଜମିକୁ ତାଡି ପଥର ଚାଲାଣ କରିବା ପରେ ଏବେ କିଛି ସ୍ଥାନୀୟ ଲୋକ ଡିସିମିଲ ପିଛା ୧ ଲକ୍ଷ ଟଙ୍କାରେ ମୌଖିକ ଭାବେ ପ୍ଲଟିଂ କରି ବିକ୍ରି କରୁଛନ୍ତି। ଏଭଳି ଏକ ଘଟଣାକୁ ନେଇ ଗତ କିଛି ମାସ ତଳେ ରାଜସ୍ୱ ବିଭାଗ ପକ୍ଷରୁ ନୋଟିସ କରାଯାଇ ନିର୍ମାଣ କାମ ବନ୍ଦ କରାଯାଇଥିଲା। ମାତ୍ର ତାହାକୁ ବିଭାଗ ଉଚ୍ଛେଦ ନ କରି ଫାଇଲକୁ ଚାପି ରଖିଥିବାରୁ ଏଭଳି ଜବରଦଖଲ ବଢ଼ିବାରେ ଲାଗିଛି। ଜଙ୍ଗଲର ସୁରକ୍ଷା ପାଇଁ ସରକାର ଗୁରୁତ୍ୱ ଦେଉଥିବା ବେଳେ ଏଠାରେ ଗୋଚର ଜମିରେ ଥିବା ମୂଲ୍ୟବାନ ଗଛ କାଟି ବେଧଡକ ଭାବେ ବିତ୍ତଶାଳୀ ଲୋକେ ଜମିକୁ ବିକ୍ରି କରୁଛନ୍ତି। କେନ୍ଦୁଝର ଜିଲା ମୁଖ୍ୟାଳୟଠାରୁ ମାତ୍ର ୩ କି.ମି. ଦୂରରେ ଗୋଚର ଜମିରେ ଗଛ କଟାଯାଉଛି। କେନ୍ଦୁଝର ସହରରେ ଜମି ଦର ଅଧିକ ରହୁଥିବାରୁ ଏହାର ସୁଯୋଗ ନେଇ ସ୍ଥାନୀୟ କିଛି ଜମି ମାଫିଆ ଭବିଷ୍ୟତରେ ଉକ୍ତ ଜମିର ପଟ୍ଟା ହେବ କହି ପ୍ରଲୋଭିତ କରି ଜମି ମୌଖିକ ଭାବେ ବିକ୍ରି କରୁଛନ୍ତି।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲୋକଙ୍କ ପାହାଡ ଉପରେ ପଟ୍ଟା ନ ଥାଇ ଘର ଯୋଗାଇ ଦିଆଯାଇଥିବାବେଳେ ସେମାନଙ୍କ ପାଇଁ ବିଦ୍ୟୁତ୍ ଓ ପାଣି ଯୋଗାଇ ଦିଆଯାଇଛି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ସଦର ବ୍ଲକ୍ ପକ୍ଷରୁ ପାହାଡ଼ ଉପରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି। ଫଳରେ ଏଭଳି ବେଆଇନ



କାମରେ ପଞ୍ଚାୟତ, ଗ୍ରାମୀଣ ପାନୀୟ ଜଳ ଯୋଗାଣ ବିଭାଗ ଏବଂ ବିଦ୍ୟୁତ୍ ବିଭାଗର ଭୂମିକା ନେଇ ସନ୍ଦେହ ସୃଷ୍ଟି ହେଉଛି। ସରକାରୀ ଜମିର ସୁରକ୍ଷା ପାଇଁ ବାଡ ଘେରିବା ପାଇଁ ପ୍ରତ୍ୟେକ ବର୍ଷ ସରକାର ଅର୍ଥ ଦେଉଥିଲେ ମଧ୍ୟ ଏହାର ଠିକ୍ ବିନିଯୋଗ କରାଯାଉନାହିଁ। କେନ୍ଦୁଝରଗଡ ପୌରପାଳିକା ଏବଂ ଆଖପାଖ ଅଞ୍ଚଳରେ ବିଭିନ୍ନ ସରକାରୀ ଅଫିସ ଓ କ୍ୱାର୍ଟର୍ସ ପାଇଁ ଜାଗା ଅଭାବ ଥିବା ତହସିଲ ପକ୍ଷରୁ କୁହାଯାଉଛି। ମାତ୍ର ସରକାରୀ ଜମିରେ ଘର କରାଯାଇ ଭଡ଼ାରେ ଲାଗିଥିଲେ ବି ଉଚ୍ଛେଦ କରାଯାଉନାହିଁ। ସ୍ଥାନୀୟ ଲୋକ ଅଭିଯୋଗ କଲେ ମଧ୍ୟ ତହସିଲ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଉକ୍ତ ପାହାଡ଼କୁ ଲାଗି ସମ୍ବେଦନଶୀଳ ଦୂରଦର୍ଶନ କେନ୍ଦ୍ର ଓ ଅଲ୍ ଇଣ୍ଡିଆ ରେଡିଓ ଅଫିସ ରହିଛି। ଏହା ସତ୍ତ୍ୱେ ଦୀର୍ଘ ବର୍ଷ ଧରି ଜମି ମାଫିଆ ବିଭିନ୍ନ ସରକାରୀ କଳକୁ ହାତ କରି ସରକାରୀ ଜାଗାକୁ ବିକିବା ସହ ବେଆଇନ ବସ୍ତିକୁ ସୁବିଧା ଯୋଗାଇ ଆସିଛନ୍ତି।

ଘୁଟୁର ହୁଡିରେ ବେଆଇନ ଜନବସତି ଗଢିଉଠିବା ଫଳରେ ବହୁ ପରିମାଣରେ ମୂଲ୍ୟବାନ ସବୁଜ ଜଙ୍ଗଲ ନଷ୍ଟ ହେବା ସହ ବନ୍ୟପ୍ରାଣୀ ପ୍ରଭାବିତ ହେଉଛନ୍ତି। ଏହାସତ୍ତ୍ୱେ ବନ ବିଭାଗ ପକ୍ଷରୁ ମଧ୍ୟ

■ଗୋଚର ଜମିରେ ଘର ନିର୍ମାଣ

■ଉଚ୍ଛେଦ ବଦଳରେ ବିଦ୍ୟୁତ୍, ପାଣି ସଂଯୋଗ ମିଳୁଛି

କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବରିଷ୍ଠ ଆଇନଜୀବୀ ଅଶୋକ ଦାସ କହିଛନ୍ତି, ତହସିଲ ପକ୍ଷରୁ ଚିହ୍ନଟ କରି ଉଚ୍ଛେଦ କରାଯାଉ ନ ଥିବାରୁ ସେମାନଙ୍କର ଭୟ ରହୁନାହିଁ। ସଦର ଉପ ଜିଲାପାଳ ତ୍ରିଲୋଚନ ମହାନ୍ତି କହିଛନ୍ତି, ଘଟଣାର ଯାଞ୍ଚ କରି ପଦକ୍ଷେପ ନିଆଯିବ। ସଦର ରେଞ୍ଜ ଅଧିକାରୀ ଅଜିତ ଦାସ କହିଛନ୍ତି, ଉକ୍ତ ସ୍ଥାନକୁ ଯାଇ ସ୍ଥିତି ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଅନ୍ୟପକ୍ଷରେ ସଦର ତହସିଲଦାର ଶୁଭେନ୍ଦୁ କୁମାର ସାହୁ କହିଛନ୍ତି, ଉକ୍ତ ହୁଡିରେ ଜମି ଜବରଦଖଲ ନେଇ ସେ ଖବର ପାଇଛନ୍ତି। ଉଚ୍ଛେଦ ପାଇଁ ନୋଟିସ କରାଯାଇଛି। ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ପଦକ୍ଷେପ ନେଇ ପାରୁ ନ ଥିଲେ। ଏବେ ନିଶ୍ଚିତ ଭାବରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ଆଞ୍ଚଳିକ ଭଲିବଲ ସଂଘର ବନ୍ଧୁ ମିଳନ



ଆଞ୍ଚଳିକ ଭଲିବଲ ସଂଘ ସଦସ୍ୟମାନେ।

ଢେଙ୍କିକୋଟ,୯ା୬(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ସାଇଁକୁଲ (ବରପଦା)ଜାଭିୟର ପବ୍ଲିକ ସ୍କୁଲ ପରିସରରେ ରବିବାର ଆଞ୍ଚଳିକ ଭଲିବଲ ଅର୍ଗାନାଇଜେସନ(ସଂଘ) ଆନନ୍ଦପୁରର ତୃତୀୟ ବାର୍ଷିକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ସଭାପତି ରେଫରୀ କଳାକାର ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପବିତ୍ର ମୋହନ ହୋତା, ମୁଖ୍ୟ ବକ୍ତାଭାବେ ଗୋବର୍ଦ୍ଧନ ଜେନା, ସମ୍ମାନୀୟ ଅତିଥିଭାବେ ପ୍ରହ୍ଲାଦ ମୁଦୁଲି, ଓଷ୍ଟାର ସାଧାରଣ ସମ୍ପାଦକ ଶିକ୍ଷକ କାହ୍ନୁଚରଣ ସାମଲ ଯୋଗଦେଇଥିଲେ। ଶ୍ରୀକାନ୍ତ ସେନାପତ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ରଖିଥିଲେ। ଜିଲାର ଶତାଧିକ ସଂଗଠନ କର୍ମକର୍ତ୍ତା ଯୋଗଦେଇଥିଲେ। ଆଗାମୀ ଦିନରେ କିପରି ଗ୍ରାମାଞ୍ଚଳର ଯୁବ ପ୍ରତିଭା ଜିଲା, ରାଜ୍ୟ ଏବଂ ଦେଶରେ ଉଚ୍ଚକୋଟିର ପ୍ରଦର୍ଶନ କରି ନିଜ ଅଞ୍ଚଳ, ରାଜ୍ୟ ଓ ଦେଶର ସୁନାମ ଅର୍ଜନ କରିପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଭବିଷ୍ୟତରେ ଭଲିବଲର ପ୍ରସାର କିପରି ଭାବେ ଯୁବପିଢ଼ିମାନେ ବଞ୍ଚାଇ ରଖିବେ ସେ ନେଇ ବି ଆଲୋଚନା କରାଯାଇଥିଲା। ଶେଷରେ ରେଫରୀ ଅମୂଲ୍ୟ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। କାଳିଆ, ବିକାଶ, ନିଲୁ ଓ ରାଣା ସହଯୋଗ କରିଥିଲେ।

# ଅନନ୍ତଙ୍କୁ ସର୍ବାଧିକ ପୋଷ୍ଟାଲ ଭୋଟ

କେନ୍ଦୁଝର,୯ା୬
(ନରେଶ ଚନ୍ଦ୍ର ପଟ୍ଟନାୟକ)

**କେନ୍ଦୁଝର ଲୋକ ସଭା କ୍ଷେତ୍ର**

ଚଳିତ ଲୋକସଭା ନିର୍ବାଚନରେ ଭାଜପା ପ୍ରାର୍ଥୀ ଅନନ୍ତ ନାୟକ କେନ୍ଦୁଝର ଏମ୍‌ପି ଭାବେ ନିର୍ବାଚିତ ହୋଇଛନ୍ତି। ସେ ସର୍ବାଧିକ ପୋଷ୍ଟାଲ ଭୋଟ ପାଇଥିବା ଜଣାପଡ଼ିଛି। ସମୁଦାୟ ୩୮୩୭ ପୋଷ୍ଟାଲ ଭୋଟରୁ ସେ ୨୭୯୦ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡିର ଧନୁର୍ଯ୍ୟୟ ସିଦ୍ଧୁ ମାତ୍ର ୬୭୫ ଭୋଟ ପାଇଥିଲେ। କଂଗ୍ରେସର ବିନୋଦ ବିହାରୀ ନାୟକ ୩୩୪ ପୋଷ୍ଟାଲ ଭୋଟ ପାଇଥିବା ଜଣାପଡିଛି। ଅନନ୍ତ ସମୁଦାୟ ୫,୭୩,୯୨୩ ଭୋଟ ପାଇଥିବା ବେଳେ ଧନୁର୍ଯ୍ୟୟ ୪,୭୬,୮୮୧ ଭୋଟ ପାଇଛନ୍ତି। କଂଗ୍ରେସର ବିନୋଦ ୧୦୫୨୭୮ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ସମୁଦାୟ ୨୧୫୬ ଭୋଟ ନାକଚ ହୋଇଛି। ନୋଟାରେ ୨୪୭୬୩ ଭୋଟ ପଡିଛି। ତେଲକୋଇ ନିର୍ବାଚନମଣ୍ଡଳୀ, ଆନନ୍ଦପୁର, ପାଟଣା, କେନ୍ଦୁଝର, କରଞ୍ଜିଆ ନିର୍ବାଚନମଣ୍ଡଳୀରେ ଅନନ୍ତ ଅଧିକ ଭୋଟ ପାଇଥିବା ବେଳେ ଧନୁର୍ଯ୍ୟୟ ଘଷିପୁରା ଓ ଚମ୍ପୁଆ ନିର୍ବାଚନମଣ୍ଡଳୀରେ ଅଧିକ ଭୋଟ ପାଇଛନ୍ତି। ପାଟଣାରେ ଅନନ୍ତ ସର୍ବାଧିକ ୧୦୨୩୫୮ ଭୋଟ ପାଇଥିବା ବେଳେ ସିଦ୍ଧୁ ମାତ୍ର ୫୫୦୯୦ ପାଇଥିବା ଜଣାପଡ଼ିଛି।

# ନିର୍ବାଚନ ପରବର୍ତ୍ତୀ ହିଂସା, ୧୦ ଗିରଫ

ଘଟଗାଁ(ରାଜେନ୍ଦ୍ର କୁମାର ପଟ୍ଟନାୟକ)/
ଢେଙ୍କିକୋଟ(ନୀଳମଣି ମଣ୍ଡଳ),୯ା୬

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଖଣ୍ଡଘର ପଞ୍ଚାୟତ ଅନ୍ତର୍ଗତ ତଣ୍ଡିବେଡାଠାରେ ବିଜେଡି ଓ ଭାଜପା ସମର୍ଥକଙ୍କ ମଧ୍ୟରେ ନିର୍ବାଚନ ପରବର୍ତ୍ତୀ ହିଂସା ଘଟିଛି। ଘଟଣାରେ ପୋଲିସ ଉଭୟ ପକ୍ଷରୁ ୫ ଜଣ ଲେଖାଏ ମୋଟ ୧୦ ଜଣଙ୍କୁ ଗିରଫକରି ରବିବାର କୋର୍ଟଚାଲାଣ କରିଥିବା ଘଟଗାଁ ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ଜେନା ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ତଣ୍ଡିବେଡା ଗ୍ରାମର ବିଦ୍ୟାଧର ରାଉତ(୪୩), ବିର୍ସା ମୁଣ୍ଡା (୩୨), ବସନ୍ତ ମୁଣ୍ଡା (୩୮), ପ୍ରସନ୍ନ ମହାକୁଡ(୪୦) ଓ ଗୋବିନ୍ଦ ଚନ୍ଦ୍ର ଗିରି, ଦୀପକ ନାଏକ, ପହଲା ନାଏକ, କାଳିଆ ମହାକୁଡ଼, ସନ୍ତୋଷ ମହାକୁଡ ଓ ମୋହନ କୁମାର ମୁଣ୍ଡା ବୋଲି ଜଣାପଡ଼ିଛି। ଶନିବାର ତଣ୍ଡିବେଡା ନିକଟସ୍ଥ ମହୁଲଗାଡିଆ ଛକ ନିକଟରେ ଉଭୟ ଗୋଷ୍ଠୀ ମଧ୍ୟରେ ମାରପିଟ୍ ହୋଇଥିଲା। ଆହତଙ୍କୁ ଉଦ୍ଧାରକରି ଘଟଗାଁ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଆହତ ଭାଜପା କର୍ମୀଙ୍କୁ ଦେଖିବାକୁ ଯାଇଥିବା ସମର୍ଥକଙ୍କୁ ଡାକ୍ତରଖାନାରେ ସ୍ଥାନୀୟ ବିଜେଡି କର୍ମୀ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଉକ୍ତ ଘଟଣାରେ ଉଭୟ ପକ୍ଷରୁ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ୧୯୯୭ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ




ବନ୍ଧୁମିଳନରେ ଉପସ୍ଥିତ ଛାତ୍ରୀଛାତ୍ର।

ବଡ଼ବିଲ, ୯ା୬(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ମହାବିଦ୍ୟାଳୟର ୧୯୯୭ ବ୍ୟାଚ୍ +୩ ବାଣିଜ୍ୟ ବିଭାଗ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ମିଳନରେ ଛାତ୍ରୀଛାତ୍ରଙ୍କ ସହ ତତ୍କାଳୀନ ବାଣିଜ୍ୟ ବିଭାଗର ୩ ଅଧ୍ୟାପକ ଯୋଗଦେଇଥିଲେ। ଦୀର୍ଘ ୨୭ ବର୍ଷ ବ୍ୟବଧାନରେ ହୋଇଥିବା ବନ୍ଧୁମିଳନରେ ପରସ୍ପରକୁ ଭେଟି ଛାତ୍ରୀଛାତ୍ର କଲେଜ ଜୀବନକୁ ମନେ ପକାଇଥିଲେ। ମମତା, କିରଣ, ପ୍ରଭାତ, ସଞ୍ଜୀୟ, ସୁନୀଲ, ରାଜେଶ, ଦିପଙ୍କର, ମନୀଷ, ମନୋଜ ଓ ଭରତ ବନ୍ଧୁମିଳନର ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ବଡ଼ବିଲ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ବାଣିଜ୍ୟ ବିଭାଗ ମୁଖ୍ୟ ବନମାଳୀ ଜେନା, ବାଣିଜ୍ୟ ବିଭାଗ ଅଧ୍ୟାପକ ରାଜୀବ ଲୋଚନ ଆଚାର୍ଯ୍ୟ ଏବଂ ବର୍ତ୍ତମାନର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାନ୍ତ ଯୋଗଦେଇ ବନ୍ଧୁମିଳନ ଉଦ୍‌ଘାଟନ କରିଥିଲେ।

# ଆନନ୍ଦପୁର ବନଖଣ୍ଡରେ ୩୩ ହାତୀ

ହାଟଡ଼ିହୀ,୯ା୬(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ବନ୍ୟପ୍ରାଣୀ ଆନନ୍ଦପୁର ବନଖଣ୍ଡ ଅଧୀନରେ ମୋଟ ୩୩ ହାତୀ ଅଛନ୍ତି। ୨୦୨୪ ହାତୀ ଗଣନା ଅନୁସାରେ ଏହା ଜଣାପଡ଼ିଛି। ବନଖଣ୍ଡ ଅଧୀନରେ ହଦଗଡ଼, ଦେଓଗାଁ, ବ୍ରାହ୍ମଣୀପାଳ, ଆନନ୍ଦପୁର ବନ୍ୟପ୍ରାଣୀ ବନାଞ୍ଚଳ ରହିଛି। ହାଟଡ଼ିହୀ ବ୍ଲକ୍ ଅଧୀନ ହଦଗଡ଼ ବନ୍ୟପ୍ରାଣୀ ବନାଞ୍ଚଳ ଏକ ହସ୍ତୀ ଅଭୟାରଣ୍ୟ। ଗଣନା ଅନୁସାରେ ବନଖଣ୍ଡ ଅଧୀନ ବନାଞ୍ଚଳରେ ବୟସ୍କ ମାଇ ହାତୀ ୧୧, ବୟସ୍କ ଦନ୍ତା ୧୦, ମଧ୍ୟମ ବୟସ୍କ ମାଇ ହାତୀ ୨, ଅଳ୍ପ ବୟସ୍କ ହାତୀ ସଂଖ୍ୟା ୪, ୬ ଛୁଆହାତୀ ଅଛନ୍ତି। ଗତ ୨୦୧୭ରେ ଶେଷ ହାତୀ ଗଣନା ହୋଇଥିଲା। ଆନନ୍ଦପୁର ଡିଏଫ୍‌ଓ ଅଭୟ ଦଳେଇଙ୍କ ସୂଚନା ଅନୁସାରେ ଗତ ହାତୀ ଗଣନାରେ ଯେତିକି ସଂଖ୍ୟକ ହାତୀ ଥିଲେ, ତା ଠାରୁ ଏଥର ସଂଖ୍ୟା ବଢ଼ିଛି।

# କାଳବୈଶାଖୀରେ କ୍ଷତିଗ୍ରସ୍ତଙ୍କୁ ସହାୟତା

ରାମଚନ୍ଦ୍ରପୁର,୯ା୬(ଗଣେଶର ସା)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଅନ୍ତର୍ଗତ ଦରଡ଼ିପାଳ ପଞ୍ଚାୟତର ବାଲିଆପାଳ ଗ୍ରାମରେ ଶନିବାର କାଳବୈଶାଖୀରେ ବହୁ କ୍ଷତି ହୋଇଥିଲା। ଏଥିରେ ଗ୍ରାମର ବକଟି ସେଠୀ ଆହତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏଥିସହ କାଳବୈଶାଖୀରେ ବରିପାଳ ପଞ୍ଚାୟତର ନାରଙ୍ଗପୁର ଗ୍ରାମର ବାପୁଜୀ ଶାଙ୍କ ଘରର ଛପର ସମ୍ପୂର୍ଣ୍ଣ ଉଡ଼ି ଯାଇଛି। ଖବରପାଇ ଭାଜପାର ପୂର୍ବତନ ବିଧାୟକ ପ୍ରାର୍ଥୀ ତଥା ସାମାଜିକକର୍ମୀ ଡ଼. ଶମ୍ଭୁନାଥ ରାଉତ ଉପ ଜିଲାପାଳ ଫାଲଗୁନୀ ମାଝୀ, ତହସିଲଦାର ଓ ବିଡ଼ିଓଙ୍କ ସହ ଯୋଗାଯୋଗ କରିଥିଲେ। ତହସିଲଦାର ନୀଳକଣ୍ଠ ବେହେରା ନାରଙ୍ଗପୁର ଗ୍ରାମରେ ପହଞ୍ଚି କ୍ଷୟକ୍ଷତି



ଅନୁଧ୍ୟାନ କରି ଫାୟାର ବ୍ରିଗେଡ୍‌ଙ୍କ ସାହାଯ୍ୟତାରେ ରାସ୍ତା ଅବରୋଧକୁ ହଟାଇଥିଲେ। ଶମ୍ଭୁନାଥ ୨ ପରିବାରକୁ ୪ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସରକାରଙ୍କ ତରଫରୁ ସହାୟତା ଦାବି କରିଛନ୍ତି।

# ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଆହତ

ଯୋଡ଼ା,୯ା୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ କାଳିମାଟିଠାରେ ଏକ ଟ୍ରକ୍ ଧକ୍କାରେ ବାଇକ ଆରେହୀ ଆହତ ହୋଇଛନ୍ତି। ବାଇକ ଆରୋହୀ ହେଲେ ପର୍ଯ୍ୟନପୁର କେଶରିଆ ଅଞ୍ଚଳର ସୁବାସ ତନ୍ତୀ। ସେ ବାଇକ ଯୋଗେ ସିଲଯୋଡା ଅଞ୍ଚଳକୁ ଯାଉଥିଲେ। ତାଙ୍କୁ ଏକ ଟ୍ରକ କାଳିମାଟିଠାରେ ଧକ୍କା ଦେଇଥିଲା। ଫଳରେ ବାଇକଟି ଟ୍ରକ୍ ସମ୍ମୁଖରେ ଚାପି ହୋଇ ଯାଇଥିବା ବେଳେ କୌଶଳ କ୍ରମେ ସୁବାସ ଡେଇଁ ପଡ଼ିଥିଲେ। ସେ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ବାଇକଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି।

# ବଢୁଛି ବେଆଇନ କାଠଚାଲାଣ

କେନ୍ଦୁଝର,୯ା୬(ନରେଶ ଚନ୍ଦ୍ର ପଟ୍ଟନାୟକ)

**୧ ଲକ୍ଷ ଟଙ୍କାର କାଠ ଜବତ**

କେନ୍ଦୁଝର ସଦର ରେଞ୍ଜ ଜଙ୍ଗିରା ସେକ୍ସନ ତମ୍ଭାହରା ଗ୍ରାମରୁ ବନ ବିଭାଗ କାଠ ବୋଝେଇ ଟ୍ରକ୍ ଜବତ କରିଛି। ଡ୍ରାଇଭରଙ୍କୁ ଗିରଫ କରି ତଦନ୍ତ କରୁଛି। ଜବତ୍ କାଠର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ଗ୍ରାମ୍ୟ ଜଙ୍ଗଲରୁ ରାଜସ୍ୱ ଏବଂ ବନ ବିଭାଗର ବିନା ଅନୁମତିରେ କାଠ କାଟି ୧୬ ଚକିଆ ଟ୍ରକ୍‌ରେ ଚାଲାଣ ହେଉଥିଲା। କୌଣସି ସୂତ୍ରରୁ ଖବର ପାଇ ଜଙ୍ଗିରା ଫରେଷ୍ଟର ଶରତ କୁମାର ପଟ୍ଟନାୟକ, ଫରେଷ୍ଟର ନିରଞ୍ଜନ ସେଠୀ ସ୍କ୍ୱାର୍ଡ କର୍ମଚାରୀଙ୍କୁ ନେଇ ତମ୍ଭାହାର ଗ୍ରାମରୁ କାଠ ବୋଝେଇ ଟ୍ରକ୍ ଜବତ୍ କରିଥିଲେ। କାଠ ତମ୍ଭାହାର ଗ୍ରାମ୍ୟ ଜଙ୍ଗଲରୁ କଟାଯାଇ ଚାଲାଣ ହେଉଥିଲା। ଗତ କିଛି ମାସ ହେବ ଜିଲାରେ କାଠ ବ୍ୟବସାୟୀ ସ୍ଥାନୀୟ ଗ୍ରାମବାସୀଙ୍କୁ ପ୍ରଲୋଭନ ଦେଖାଇ ସରକାରୀ, ଗ୍ରାମ୍ୟ ଜଙ୍ଗଲରୁ ୟୁକାଲିପଟାସ, ଆକାଶିଆ ଆଦି ଗଛ କାଟି ଚାଲାଣ କରୁଥିବା ଅଭିଯୋଗ ହେଉଛି। ଅଭିଯୋଗ ଅନୁଯାୟୀ, ସଦର ରେଞ୍ଜ,



ପାଟଣା, ଚମ୍ପୁଆ ରେଞ୍ଜ ଅଞ୍ଚଳରେ ବ୍ୟାପକ ଭାବରେ ଏଭଳି ଗଛ କାଟି ଚାଲାଣ ହେଉଥିବାରୁ ସମଗ୍ର ଜିଲାରେ ଜଙ୍ଗଲ ଶୂନ୍ୟ ହେବାକୁ ବସିଛି। ୟୁକାଲିପଟାସ, ଆକାଶିଆ ଗଛ କାଟିବା ସହିତ ଅନ୍ୟ ପ୍ରଜାତିର ଗଛ ଲୁଚାଛପାରେ କାଟି ନେଉଛନ୍ତି। ବନ ଓ ରାଜସ୍ୱ ବିଭାଗ ସୁବିଧାରେ ଅନୁମତି ଦେଉଥିବାରୁ ପ୍ରତିଯୋଗିତାମୂଳକ ଭାବରେ ଏଭଳି ଗଛକଟା ଚାଲିଥିବା ଅଭିଯୋଗ ହେଉଛି। କେତେବେ ନିଜସ୍ୱ ଜମିରୁ ଗଛ କାଟିବା ପାଇଁ ପ୍ରମାଣପତ୍ର ଦେଇ ଅନୁମତି ଆଣି ସରକାରୀ, ଜଙ୍ଗଲ ଜମିରୁ ଗଛ କାଟି ବିକ୍ରି କରୁଛନ୍ତି। ଏ ନେଇ ଧରପଗଡ଼ ହେଉଥିଲେ ହେଁ ରାତି ଅଧରେ ଟ୍ରକ୍ ଯୋଗେ କାଠଚାଲାଣ ହେଉଥିବା ଅଭିଯୋଗ ହେଉଛି। କିଛି ଦିନ ମଧ୍ୟରେ ଚମ୍ପୁଆ, ପାଟଣା ଓ ସଦର ରେଞ୍ଜରେ କାଠ ବୋଝେଇ ଗାଡି ବନ ବିଭାଗ ଜବତ କରିଥିଲେ ହେଁ ଚୋରା କାରବାରରେ ରୋକ ଲାଗୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଏ ନେଇ ଡିଏଫ୍‌ଓ କେନ୍ଦୁଝର ଧନରାଜ ଏଚ.ଡି. କହିଛନ୍ତି, କେବଳ ଘରୋଇ ଜମିରୁ ଗଛ କାଟିବାକୁ ଅନୁମତି ଦିଆଯାଉଛି। ଏଥିପାଇଁ ଯୁଗ୍ମ ତଦନ୍ତ କରାଯାଉଛି। ଅନ୍ୟ ଜାଗାରୁ ଗଛ କାଟିବା ନେଇ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ରାଜସ୍ୱ ଜମିରୁ ଗଛ କାଟିବା ଅନୁମତି ରାଜସ୍ୱ ବିଭାଗ ଦେଇଥାଏ।

# କମ୍ପାନୀ ଗାଡ଼ି କବ୍‌ଜାରେ ରାସ୍ତା

ଯୋଡ଼ା,୯ା୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ବଡ଼ କାଳୀମାଟି ପଞ୍ଚାୟତରେ ଥିବା ଆର୍ସେଲର ମିତ୍ତଲ କମ୍ପାନୀର ଗାଡ଼ିଗୁଡ଼ିକ ପଳାସପଙ୍ଗାଠାରୁ ବାମେବାରୀ ରାସ୍ତାକୁ କବ୍‌ଜା ରଖୁଛନ୍ତି। ବେଆଇନ ପାର୍କିଂ ଯୋଗୁ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଦୈନିକ ଦୁର୍ଘଟଣା ଘଟି ଧନ ଜୀବନହାନୀ ଘଟୁଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ଏ ନେଇ ବାରମ୍ବାର ଅଭିଯୋଗ ପରେ ବି ସମସ୍ୟା ସମାଧନ ହେଉ ନ ଥିବା ଅଞ୍ଚଳବାସୀ କହିଛନ୍ତି।

ଅଭିଯୋଗ ମୁତାବକ, ଆର୍ଶେଲର ମିତ୍ତଲ ନିପନ ଷ୍ଟିଲ୍ କମ୍ପାନୀର ଖଣିରୁ ଅନେକ ହଜାର ଟ୍ରିପ୍ ଖଣିଜ ପରିବହନ ହେଉଛି। ଫଳରେ ରାସ୍ତାରେ ପ୍ରତିଦିନ ଗାଡ଼ିର ଲମ୍ବା ଲାଇନ ଲାଗୁଛି। ବେଆଇନ ଗାଡ଼ି ପାର୍କିଂ ଯୋଗୁ ଅନେକ ସମୟରେ ଆମ୍ବୁଲାନ୍ସ ଭଳି ଜରୁରୀକାଳିନ ଗାଡ଼ି ଭିଡ଼ରେ ଅଟକି ରହୁଛି। ଘରୁ ବାହାରିଲେ ଆଉ ଫେରିବାର ଅନିଶ୍ଚିତତା ଥିବା ଅଞ୍ଚଳର ପରମେଶ୍ୱର ନାଏକ, ଦେବଦତ୍ତ ବାରିକ, ନନ୍ଦକିଶୋର ବାରିକ, ନିଶିକାନ୍ତ ବାରିକ ପ୍ରମୁଖ କହିଛନ୍ତି। ଏ ନେଇ ବାରମ୍ବାର କାରଖାନା କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ



ରାସ୍ତାରେ ପାର୍କିଂ ହୋଇଥିବା ଟ୍ରକ୍।

ମଧ୍ୟ କମ୍ପାନୀ ସମସ୍ୟା ପ୍ରତି ଅଣଦେଖା କରୁଛି। ଏପରିକି ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରୁ ନ ଥିବା ଅଭିଯୋଗ ହୋଇଛି। କିଛି ଦିନ ପୂର୍ବେ ବେଆଇନ ପାର୍କିଂ ଯୋଗୁ ଟ୍ରାଫିକରେ ଫସି କଟୁପାଲି ଗ୍ରାମର ବିଭୀଷଣ ବେହେରା ଟ୍ରକ୍ ଧକ୍କାରେ ମୃତ୍ୟୁବରଣ କରିଥିଲେ। ଘଟଣାକୁ କେନ୍ଦ୍ର କରି ଅଞ୍ଚଳବାସୀ ୨ ଦିନ ରାସ୍ତା ଅବରୋଧ କରିଥିଲେ। ଉକ୍ତ ଘଟଣାର କିଛି ଦିନ ବ୍ୟବଧାନରେ ବଡ଼ କାଳିମାଟିର କୁନୁ ଗାଗରାଇଙ୍କ କମ୍ପାନୀର ଏକ ଟ୍ରକ ଧକ୍କାରେ ମୃତ୍ୟୁ ଘଟିଥିଲା। ଘଟଣା ପରେ ବାମେବାରୀ ପୋଲିସ ପକ୍ଷରୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଟ୍ରାଫିକ ସମସ୍ୟା ସୁଧାରିବାକୁ କୁହାଯାଇଥିଲା। କମ୍ପାନୀ କର୍ତ୍ତୃପକ୍ଷ ମଧ୍ୟ ଯଥାଶୀଘ୍ର ନିଜର ପାର୍କିଂ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ଏହାର କାର୍ଯ୍ୟକାରୀ କରାଯାଇନାହିଁ। କମ୍ପାନୀର ବରିଷ୍ଠ ଅଧିକାରୀ ଜୟକୃଷ୍ଣ ଶର୍ମାଙ୍କୁ ଯୋଗଯୋଗ କରାଯାଇଥିବା ବେଳେ ସେ ଦିଲ୍ଲୀରେ ଅଛନ୍ତି, ପରେ କଥା ହେବା ପାଇଁ କହିଥିଲେ। କମ୍ପାନୀର କର୍ପୋରେଟ ମୁଖ୍ୟ ସୌମିତ୍ର ପଟ୍ଟନାୟକ କହିଛନ୍ତି, ଖୁବ୍ ଶୀଘ୍ର ସମସ୍ୟାର ସମାଧାନ କରାଯିବ।

# ଉତ୍ତମ ଚରିତ୍ର ଗଠନ ଏକାନ୍ତ ପ୍ରୟୋଜନ

ଢେଙ୍କାନାଳ,୯।୬(ରତନ ନାୟାର)



ଢେଙ୍କାନାଳ ଜିଲା ତାଳବରକୋଟସ୍ଥିତ ଡିଭାଇନ ୟୁନିଭରସିଟି ସତ୍‌ସଙ୍ଗ କମନ ପ୍ଲାଟଫର୍ମ ଓ ଶ୍ରୀ ଶ୍ରୀ ବଡ଼ଦା ହସ୍ପିଟାଲ ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ବିଶ୍ୱ ଆଚାର୍ଯ୍ୟ ପରମ ପୂଜ୍ୟପାଦ ଶ୍ରୀ ଶ୍ରୀ ଅର୍କଦ୍ୟୁତି ଚକ୍ରବର୍ତ୍ତୀଙ୍କ ୫୭ତମ ଜନ୍ମ ମହୋତ୍ସବ ମହା ଆଡମ୍ବରରେ ଉଦ୍‌ଯାପିତ ହୋଇଯାଇଛି। ତ୍ରିନାଥ ଯୁବ ପରିଷଦ, ଆଦ୍ୟାଶକ୍ତି ସାଂସ୍କୃତିକ ପରିଷଦ, ଶିବଶକ୍ତି କ୍ଲବ, ପ୍ରଗତି କ୍ଲବ, ଦୁର୍ଗାପୂଜା କମିଟି, ଶ୍ରୀରାମ ମନ୍ଦିର, ମହାଲକ୍ଷ୍ମୀ ମନ୍ଦିର, ମା ମଙ୍ଗଳା ମନ୍ଦିର, ମା ସନ୍ତୋଷୀ ମନ୍ଦିର, ମା ସିଦ୍ଧରାମଚଣ୍ଡୀ ମନ୍ଦିର ଜଗନ୍ନାଥ ମନ୍ଦିର, ଶନିଶ୍ଚର ମନ୍ଦିର କମିଟି କର୍ମକର୍ତ୍ତାମାନଙ୍କର ମିଳିତ ଉଦ୍ୟମରେ ଏହା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶିକ୍ଷକରତ୍ନ ଭରତ ଚନ୍ଦ୍ର ସାହୁ ଯୋଗଦେଇ ଆଚାର୍ଯ୍ୟଙ୍କ ଅନୁସରଣ ମାଧ୍ୟମରେ ସୁସ୍ଥ ସମାଜ ପାଇଁ ଉତ୍ତମ ଚରିତ୍ର ଗଠନ ଏକାନ୍ତ ପ୍ରୟୋଜନ ସମ୍ପର୍କରେ ସଚେତନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ଗୌରବ ପ୍ରାକ୍ତନ ପ୍ରଧାନ ଶିକ୍ଷକ ରବି ନାରାୟଣ ଦାସ ଯୋଗଦେଇଥିଲେ। ସନାତନ ମହାନ୍ତି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ଆୟକର ମହାନିର୍ଦ୍ଦେଶକ ନୃସିଂହ ପ୍ରସାଦ ତ୍ରିପାଠୀ, ପ୍ରାକ୍ତନ ସିବିଆଇ ଜଜ୍ ଭିକାରୀ ଚରଣ ରାଉତ, ଅବସରପ୍ରାପ୍ତ ସାମରିକ କର୍ମଚାରୀ ବିଶ୍ୱପ୍ରିୟ ପଟ୍ଟନାୟକ, ଓକିଲ ଖାଁ ଜୁଲଫତ ଅଲ୍ଲୀ, ରାଜନୀତିଜ୍ଞ ଜୟକୃଷ୍ଣ ଜେନା, ଫକୀର ଚରଣ ରାଉତ, ଆଦାମ ଖାଁ, ସୁଶାନ୍ତ ସାହୁ ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତା ଭାବେ ନାରାୟଣ ଦାସ, ପ୍ରମୁଖ ଅତିଥି ଭାବେ ବଡ଼ଦା ହସ୍ପିଟାଲ ଭୁବନେଶ୍ୱରର ଡାକ୍ତର ବୃନ୍ଦ, ଅବସରପ୍ରାପ୍ତ ଭରତ ସାମରିକ କର୍ମଚାରୀ ନୋଜ କୁମାର ସାମଲ, ଦିଲୀପ କୁମାର ସାହୁ, ଜେସିଓ ଦେବାଶିଷ ଜେନା, ଭାଗବତ ଗୁରୁ, କପିଳେଶ୍ୱର ଜେନା, ସାଧୁ ରାଜୀବ ଲୋଚନ ରାଉତ, ଆଲୋଚକ ଦିଲୀପ କୁମାର ସାହୁ, ପ୍ରଶାନ୍ତ ନନ୍ଦ ଧଳ, ରବି ନାରାୟଣ ସାହୁ, ସପ୍ନେଶର ନାୟକ, ସୁଶାନ୍ତ କୁମାର ଜେନା, ଯାତ୍ରା କଳାକାର ପପୁ, ବହୁ ଶିଶୁ କଳାକାର, ବ୍ୟବସ୍ଥାପକ ଚିନ୍ମୟୀ ରାଉତ (ସଭାପତି), ଓକିଲ ସୀମା ସାହୁ (ସମ୍ପାଦିକା), ହାଡ଼ିବନ୍ଧୁ ସାହୁ, ସ୍ୱରୂପ କୁମାର ସାହୁ, ଚିତ୍ତରଞ୍ଜନ ଧଳ, ସୁଶାନ୍ତ କୁମାର ମହାନ୍ତି, ଉପସ୍ଥାପକ ଚନ୍ଦନ କୁମାର ଜେନା, ସହଯୋଗୀ ତପନ କୁମାର ଜେନା, ଦୁଷ୍ମନ୍ତ ମହାନ୍ତି, ରିତୁ ରଞ୍ଜନ ରାଉତ, ବିଶ୍ୱ ରଞ୍ଜନ ଧଳ, ଆରକ୍ଷୀ କର୍ମଚାରୀ ସନ୍ଦୀପ ରାଉତ, ମଧୁସୂଦନ ନାୟକ, ହୃଦାନନ୍ଦ, ଦିବ୍ୟ ରଞ୍ଜନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନିଃଶୁଳ୍କ ଚିକିତ୍ସା ଶିବିର, ପ୍ରସାଦ ସେବନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ମୃତିଚାରଣ

ଢେଙ୍କାନାଳ,୯।୬(ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳ କଣ୍ଟାନାଳୀ ବାଇପାସ୍ ସ୍ଥିତ ନନ୍ଦିନୀ ଦେବୀ ସ୍ୱତନ୍ତ୍ର ଦୃଷ୍ଟିହୀନ ବିଦ୍ୟାଳୟ ପରିସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୩ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ପରିଚାଳନା କମିଟିର ସଦସ୍ୟ ଶରତ କୁମାର ସାହୁ, ପ୍ରଦୀପ କୁମାର ଧଳ, କୃଷ୍ଣଚନ୍ଦ୍ର ଦ୍ୱିବେଦୀ ଓ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଦିବାକର ସାହୁଙ୍କ ସମେତ ସଦସ୍ୟମାନେ ବିଦ୍ୟାଳୟ ପରିସରରେ ଥିବା ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

## ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଜନନାୟିକା ଥିଲେ ନନ୍ଦିନୀ

ଢେଙ୍କାନାଳ,୯।୬(ରତନ ନାୟାର)

କେବଳ ଓଡ଼ିଶା ନୁହେଁ, ଭାରତୀୟ ରାଜନୀତିର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଜନନାୟିକା ଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ମହାନ୍ ଜନନାୟିକା ନନ୍ଦିନୀ ଶତପଥୀ। ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ବିଭିନ୍ନ ଭାବରେ ପରିପୁଷ୍ଟ। ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଦେବୀଙ୍କ ସ୍ୱପ୍ନ ଥିଲା ରାଜ୍ୟର ସାମଗ୍ରିକ ବିକାଶ। ସ୍ୱପ୍ନକୁ ବାସ୍ତବରେ ପରିଣତ କରିବା ପାଇଁ ସେ ଅପ୍ରାଣ ଉଦ୍ୟମ କରିଥିଲେ, ଯାହାର ସୁଫଳ ଆଜି ରାଜ୍ୟବାସୀ ପାଇଛନ୍ତି। ଢେଙ୍କାନାଳର ଆମ ପ୍ରତିଭା ଆମ ସମ୍ମାନ ଅନୁଷ୍ଠାନ ପକ୍ଷରୁ ରବିବାର ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୩ତମ ଜୟନ୍ତୀ ପାଳନ ସମାରୋହରେ ଏହି ମତପ୍ରକାଶ ପାଇଛି।

ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପୂର୍ବତନ ଏମ୍‌ପି ମହେଶ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମ ନିକଟରେ ଥିବା ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଅନୁଷ୍ଠାନର କାର୍ଯ୍ୟାଳୟ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଯୋଗଦେଇ ବକ୍ତାମାନେ ନନ୍ଦିନୀ ଦେବୀଙ୍କ ସ୍ମୃତିଚାରଣ କରିଥିଲେ। ନନ୍ଦିନୀ ଦେବୀ ରାଜନୀତି ଭଳି ଓଡ଼ିଆ ଭାଷାରେ ଭାରତୀୟ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ଓଡ଼ିଆ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ, କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ସାହିତ୍ୟ ଭାରତୀ ସମ୍ମାନରେ ସମ୍ମାନିତ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ମହେଶ ସାହୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ରୁଦ୍ରାନ୍ତ ଦଳେଇ, ସଦାନନ୍ଦ ସେଠୀ, ନବକିଶୋର ସାହୁ, ପ୍ରତାପ ଦାସ, ଭରତ ଦାସ, ଗୁପ୍ତେଶ୍ୱର ମିଶ୍ର, ସଦାଶିବ ମହାପାତ୍ର, ଜିତେନ୍ଦ୍ର ପଟ୍ଟନାୟକ, ସତ୍ୟ ନାରାୟଣ କର, ଦୁଷ୍ମନ୍ତ ମହାନ୍ତି, ଶରତ ବେହେରା, ଆଲୋକ ରଥ, ଶେଖର ସେଠୀ, ବୁଲୁ ଜେନା, ରାଜେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ନନ୍ଦିନୀ ଦେବୀଙ୍କ ସ୍ମୃତିଚାରଣ କରିଥିଲେ।



ନୂଆଦିଲ୍ଲୀଠାରେ ରବିବାର ନରେନ୍ଦ୍ର ମୋଦି ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଉଥିବା ବେଳେ ଢେଙ୍କାନାଳ ଜିଲା ଭୁବନସ୍ଥିତ କାଳୀବଜାରଠାରେ ଭାଜପା କର୍ମୀମାନେ ବାଣ ଫୁଟାଇ ସ୍ୱାଗତ କରୁଛନ୍ତି। (ଫଟୋ- ବିପିନ ସେଠୀ)

## ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଫେଇ କାର୍ଯ୍ୟକ୍ରମ

ବଅଁରପାଳ,୯।୬ (ସୁବାସ ସାହୁ)



ଅନୁଗୋଳ ଜିଲା ନାଲ୍‌କୋ ଥାନା କାଣ୍ଡସର ଗ୍ରାମର ଶ୍ରୀଶ୍ରୀ କପିଳେଶ୍ୱର ମହାଦେବ ମନ୍ଦିର ପରିସରକୁ ଜୟ ଜଗନ୍ନାଥ ସ୍ୱେଚ୍ଛାସେବୀ ଅନୁଷ୍ଠାନ କାଣ୍ଡସର ତରଫରୁ ସଫେଇ କରାଯାଇଛି। ସଭାପତି ଅନନ୍ତ ବାରିକ, ସାଧାରଣ ସମ୍ପାଦକ ସୁଧାକର ସାହୁଙ୍କ ତତ୍ତ୍ୱାବଧାନରେ ଏହି ସଫେଇ କାର୍ଯ୍ୟ କରାଯାଇଥିଲା। ସାମାଜିକ କର୍ମୀ ଚିନ୍ମୟୀ ଦାସ, କପିଳେଶ୍ୱର ମନ୍ଦିର ପରିଚାଳନା କମିଟିର ସାଧାରଣ ସମ୍ପାଦକ ସୁନୀଲ କୁମାର ପ୍ରଧାନ, କୋଷାଧ୍ୟକ୍ଷ ଶ୍ରୀକାନ୍ତ କୁମାର ସାହୁ, ଅନୁଷ୍ଠାନର ସଦସ୍ୟ ସନ୍ତୋଷ ନାୟକ, ରାମଚନ୍ଦ୍ର ପ୍ରଧାନ, ଅରବିନ୍ଦ ବେହେରା, ଜିତେନ୍ଦ୍ର ପ୍ରଧାନ, ଛବିନ୍ଦ୍ର ନାୟକ, ସରୋଜ ମହାକୁଡ଼, ସୁଧାକର ବେହେରା, ବୈଦ୍ୟନାଥ ମହାଳିକଙ୍କ ସମେତ ଅନୁଷ୍ଠାନର ବହୁ କାର୍ଯ୍ୟକର୍ତ୍ତା ସଫେଇ କାର୍ଯ୍ୟରେ ଉପସ୍ଥିତ ରହି ସହଯୋଗ କରିଥିଲେ। ଆଗକୁ ମଧ୍ୟ ଏହି ସଫେଇ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଅନୁଷ୍ଠାନର ସଭାପତି ଅନନ୍ତ ବାରିକ କହିଛନ୍ତି।

## ନବୀନଙ୍କୁ ଭେଟିଲେ ଆଠମଲ୍ଲିକ ବିଧାୟକ

ବଇଣ୍ଡା,୯।୬ (ପରିକ୍ଷିତ ସାହୁ)



ନବୀନ ନିବାସରେ ଦଳର ରାଜ୍ୟ ସଭାପତି ନବୀନଙ୍କୁ ଭେଟୁଛନ୍ତି ନଳିନୀ।

ଅନୁଗୋଳ ଜିଲା ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜେଡି ନେତା ତଥା ବିଧାୟକ ଭାବେ ନିର୍ବାଚିତ ହୋଇଥିବା ନଳିନୀକାନ୍ତ ପ୍ରଧାନ ଶନିବାର ଭୁବନେଶ୍ୱରସ୍ଥିତ ନବୀନ ନିବାସରେ ପହଞ୍ଚି ବିଜେଡି ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଆଠମଲ୍ଲିକରେ ନଳିନୀ ବିଜୟୀ ହେବା ପରେ ନବୀନଙ୍କୁ ଭେଟି ନିର୍ବାଚନମଣ୍ଡଳୀ ସମ୍ପର୍କରେ ଆଲୋଚନା କରିଥିଲେ। ନବୀନ କହିଥିଲେ, ଆଠମଲ୍ଲିକରେ ଲୋକେ ବିଜେଡି ଉପରେ ଆସ୍ଥା ରଖିଛନ୍ତି। ଲୋକଙ୍କ ସମସ୍ୟା ସବୁବେଳେ ସମାଧାନ କରିବା ପାଇଁ ନିଜକୁ ପ୍ରସ୍ତୁତ କର। ଲୋକଙ୍କ ସେବାରେ କେବେ ବି ଅବହେଳା କରନାହିଁ। ନିର୍ବାଚନମଣ୍ଡଳୀର କିଭଳି ବିକାଶ ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ।

## ସିଆରିଆରେ ରକ୍ତଦାନ ଶିବିର

ଢେଙ୍କାନାଳ,୯।୬(ରତନ ନାୟାର)



ସିଆରିଆ ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

ଢେଙ୍କାନାଳ ସଦର ବ୍ଲକ ସିଆରିଆ ଗ୍ରାମ ବାପୁଜୀ କ୍ଲବ ପକ୍ଷରୁ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବାପୁଜୀ କ୍ଲବର ମୁଖ୍ୟ ସଂଯୋଜକ ପ୍ରଦୀପ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଚିନ୍ତାମଣି ମହାନ୍ତି, ଲକ୍ଷ୍ମୀଧର ରାଉତ, ଓମ ପ୍ରକାଶ ସାହୁ, ମହାପ୍ରସାଦ ସାମଲ, ବିଦୁର ସାମଲ, ଅଜୟ ସ୍ୱାଇଁ, ଅମ୍ରିତ ଅନୁପମ ସ୍ୱାଇଁ, ପାର୍ଥସାରଥି ରାଉତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଜିଲା ରକ୍ତଭଣ୍ଡାର ଅଧିକାରୀ ଡା. ପି.କେ. ମହାଳିକ, ଟେକନିସିଆନ ରାକେଶ ବେହେରା, ତପନ ଜେନା, ନଳିନୀପ୍ରଭା ରାଉତ ଓ ଅଜୟ ସ୍ୱାଇଁ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ରକ୍ତଦାନ କରିଥିବା ସଦସ୍ୟମାନେ ହେଲେ ପ୍ରଦୀପ ସ୍ୱାଇଁ, ଚିନ୍ତାମଣି ମହାନ୍ତି, ବିଦୁର ସାମଲ, ହୃଦାନନ୍ଦ ପରିଡା, ସିଦ୍ଧାନ୍ତ ସାହୁ, ସୂର୍ଯ୍ୟମଣି ମହାନ୍ତି, ମନୋରଞ୍ଜନ ସାହୁ, ଶୁଭମ ପୃଷ୍ଟି, ପ୍ରିୟାଂଶୁ ପୃଷ୍ଟି, ଲକ୍ଷ୍ମୀଧର ରାଉତ, ସୌମ୍ୟରଞ୍ଜନ ଘିୱାଲା, ସ୍ୱାଧୀନ ସେଠୀ, ନୀହାର ରଞ୍ଜନ ଦେବତା, ସୁଧାଂଶୁ ଶେଖର ପଣ୍ଡା, ସୂର୍ଯ୍ୟକାନ୍ତ ବେହେରା, ଏସ୍. ମହାପ୍ରସାଦ ସାମଲ, ଗଣେଶ ରାଉତ, ଜ୍ଞାନରଞ୍ଜନ ସୁତାର, ଶିବ ପ୍ରସାଦ ଖଟୁଆ, କଳ୍ପତରୁ ପ୍ରଧାନ, ଶିଶିର କୁମାର ନାୟକ, ଶୁଭଲକ୍ଷ୍ମୀ ଖଟୁଆ ଓ ବିଜୟ କୁମାର ଦାସ ଏବଂ ଅନୁଷ୍ଠାନର ସଦସ୍ୟ, ଗ୍ରାମର ଯୁବଗୋଷ୍ଠୀ ଓ ଶୁଭେଚ୍ଛୁମାନେ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ ।

## ନନ୍ଦିନୀଙ୍କ ନାମରେ ନାମିତ ହେଉ ମହିଳା ମହାବିଦ୍ୟାଳୟ

ଢେଙ୍କାନାଳ,୯।୬(ରତନ ନାୟାର)

### ଢେଙ୍କାନାଳ ଥିଙ୍କର୍ସ ଫୋରମର ଦାବି

ଢେଙ୍କାନାଳ ମହିଳା ମହାବିଦ୍ୟାଳୟକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶଥପଥୀଙ୍କ ନାମରେ ନାମିତ କରାଯାଉ। ଢେଙ୍କାନାଳ ଥିଙ୍କର୍ସ ଫୋରମ ପକ୍ଷରୁ ରବିବାର ନନ୍ଦିନୀ ଦେବୀଙ୍କ ୯୩ତମ ଜୟନ୍ତୀ ପାଳନ ଅବସରରେ ତାଙ୍କର ସ୍ମୃତିଚାରଣ କରାଯିବା ସହ ଏହି ଦାବି କରାଯାଇଛି। ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ନିକଟରେ ଆନୁଷ୍ଠାନିକ ଭାବେ ଦାବି କରାଯିବ ବୋଲି ଅନୁଷ୍ଠାନର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଏହି ଅବସରରେ ଫୋରମର ସଦସ୍ୟମାନେ ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମ ନିକଟସ୍ଥ ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଫୋରମ ସଭାପତି ସୌମେନ୍ଦୁ ଶତପଥୀ, ସମ୍ପାଦକ ପ୍ରକାଶଚନ୍ଦ୍ର ରାଉତ, ସାମାଜିକ ପ୍ରମୁଖ ଦେବୀ ପ୍ରସାଦ ପାଣି, କୋଷାଧ୍ୟକ୍ଷ ବୈକୁଣ୍ଠନାଥ ଦ୍ୱିବେଦୀ, ସାହିତ୍ୟ ଶାଖା ଚୈରିବତୀର ପ୍ରମୁଖ ପ୍ରକାଶ ପରିଡା, ସଦସ୍ୟ ଟଙ୍କଧର ବେହେରା, ବିନୋଦ ମଲ୍ଲିକ, ବିଭୁ ନାରାୟଣ ଦ୍ୱିବେଦୀ, ଦେବ ପ୍ରସାଦ ସାହୁ, ରଞ୍ଜନ କୁମାର ସାହୁ, ଅବିନାଶ ପଟ୍ଟନାୟକ, ଶରତ କୁମାର ସାହୁ, ଯୁଗଳ କିଶୋର ସାହୁ ପ୍ରମୁଖ ଯୋଗଦେଇ ଢେଙ୍କାନାଳ ପ୍ରତି ନନ୍ଦିନୀ ଦେବୀଙ୍କ ଅବଦାନ ଚିରସ୍ମରଣୀୟ ବୋଲି କହିଥିଲେ। ନନ୍ଦିନୀ ଦେବୀଙ୍କ ସମ୍ମାନାର୍ଥେ ପ୍ରତିବର୍ଷ ଫୋରମର ବାର୍ଷିକ ଉତ୍ସବରେ ଜଣେ ମହିଳା ସାରସ୍ୱତ ପ୍ରତିଭାଙ୍କୁ ନନ୍ଦିନୀ ଦେବୀ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯିବ ବୋଲି ଫୋରମ ପକ୍ଷରୁ ଘୋଷଣା କରାଯାଇଥିଲା।

## କୃଷକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା

ବଇଣ୍ଡା,୯।୬ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ଆନନ୍ଦମୁଣ୍ଡା ଗ୍ରାମ ଆମ୍ବତୋଟା ପରିସରରେ ବଡ଼ହୁଲା ଚଷା ପୁଞ୍ଜିର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁଞ୍ଜି ସଭାପତି ଦୈତାରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବେଣୁଧର ଦେହୁରୀ, ନବ କିଶୋର ସାହୁ, ଦୁର୍ଯ୍ୟୋଧନ ପ୍ରଧାନ, ଅଶୋକ ସାହୁ, ନବ କିଶୋର ସାହୁ, ସୁରେଶ ଚନ୍ଦ୍ର ପ୍ରଧାନ, ବୃଷଭ ପ୍ରଧାନ, ଶ୍ରୀକାନ୍ତ ପ୍ରଧାନ, ସଚ୍ଚିକାନ୍ତ ପ୍ରଧାନ, ଦୁଷ୍ମନ୍ତ ପ୍ରଧାନ, ସୁଧାକର ପ୍ରଧାନ, ରଞ୍ଜନ ପ୍ରଧାନଙ୍କ ସମେତ ଆଖପାଖ ୧୦ଟି ଗ୍ରାମର ସଭ୍ୟମାନେ ଯୋଗ ଦେଇଥିଲେ। ଏଥିରେ ପୁଞ୍ଜିର ବାର୍ଷିକ ବିବରଣୀ ପାଠ କରାଯାଇଥିଲା। କିଭଳି ସମସ୍ତେ ନିୟମ ମାନି ଚଳିବେ ସେ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ସମସ୍ତ କୃଷକ ସେମାନଙ୍କ ସମସ୍ୟା ସମ୍ପର୍କରେ ବୈଠକରେ ମତ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ଆସୁଥିବା ସମସ୍ତ ଯୋଜନା କିଭଳି କୃଷକଙ୍କଠାରେ ପହଞ୍ଚିବ ସେ ନେଇ ଧ୍ୟାନ ଦିଆଯିବ ବୋଲି ପୁଞ୍ଜି ସଭାପତି ଉପସ୍ଥିତ ଥିବା କୃଷକ ମାନଙ୍କୁ କହିଥିଲେ। ସମାଜର ସମସ୍ତ ନିୟମ ମାନି ଚଳିବା ପାଇଁ ବୈଠକ ରେ ସ୍ଥିର ହୋଇଥିଲା।



ବୈଠକରେ ଉପସ୍ଥିତ ବଡ଼ହୁଲା ଚଷା ପୁଞ୍ଜିର କର୍ମକର୍ତ୍ତାମାନେ।

## ଡ୍ରେନ ତଳୁ ଖସୁଛି ମାଟି

ବଇଣ୍ଡା,୯।୬ (ପରିକ୍ଷିତ ସାହୁ)



ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଠାରେ ୫୫ ନମ୍ବର ଜାତୀୟ ରାଜପଥର ଦୁଇପାର୍ଶ୍ୱରେ ନିର୍ମାଣ ହୋଇଥିବା ଡ୍ରେନ ଅତିନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଡ୍ରେନ କାମ ୮୦ ପ୍ରତିଶତ ସମାପ୍ତ ହୋଇଥିବା ବେଳେ ଏବେ କେଉଁଠି ଉପର ସ୍ଲାବ ଭାଙ୍ଗିଗଲାଣି ତ ଆଉ କେଉଁଠି ଡ୍ରେନତଳୁ ମାଟି ଧୋଇ ହୋଇଗଲାଣି। ଫଳରେ ନିର୍ମାଣ ହୋଇଥିବା ଡ୍ରେନର ଭବିଷ୍ୟତ ନେଇ ଏବେ ବଇଣ୍ଡା ଗ୍ରାମବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଅଞ୍ଚଳବାସୀ ଶନିବାର ଏକ ଅଭିଯୋଗ ପତ୍ର ଅନୁଗୋଳ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

ଗ୍ରାମବାସୀ ଦର୍ଶାଇଛନ୍ତି, ୫୫ ନମ୍ବର ଜାତୀୟ ରାଜପଥର ବଇଣ୍ଡା ଠାରେ ୨୦୨୨ ମସିହାଠାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ କାମ ଚାଲୁଛି। ଦୀର୍ଘ ୨ ବର୍ଷ ହୋଇଯାଇଥିଲେ ମଧ୍ୟ ଡ୍ରେନ କାମ ସମାପ୍ତ ହୋଇନାହିଁ। ୮୦ ପ୍ରତିଶତ କାମ ସରିଥିବା ବେଳେ ଆହୁରି ୨୦ ପ୍ରତିଶତ କାମ ବଳକା ରହିଯାଇଛି। ନିର୍ମାଣ ହୋଇଥିବା ଡ୍ରେନ ମଧ୍ୟରୁ କିଛି ସ୍ଥାନରେ ଡ୍ରେନରେ ପଡିଥିବା ସ୍ଲାବ ଭାଙ୍ଗିଯାଇଥିବା ବେଳେ ଏବେ କିଛି ଡ୍ରେନ ତଳୁ ମାଟି ଖସିଯାଉଛି। ବଇଣ୍ଡା ଅଞ୍ଚଳରେ ହୋଇଥିବା ପୋଲ ନିକଟରେ ସଂଯୋଗ କରୁଥିବା ଡ୍ରେନଗୁଡିକର ସାଇଡରେ ୱାଲ ଦିଆଯାଇ ନ ଥିବା ଯୋଗୁ ବର୍ଷା ହେଲେ ଆସୁଥିବା ପାଣି ନାଳରେ ପଡିବା ପରବର୍ତ୍ତେ ଉକ୍ତ ଡ୍ରେନ ତଳେ ଥିବା ମାଟିକୁ ଧୋଇନେଉଛି। ଫଳରେ ସ୍ଥାୟିତ୍ୱକୁ ନେଇ ଗ୍ରାମବାସୀ ଆଶଙ୍କାରେ ରହିଛନ୍ତି। ତୁରନ୍ତ ଡ୍ରେନର କାମ ସାରିବା ସହ ନିମ୍ନମାନର ନିର୍ମାଣ ହୋଇଥିବା ସମ୍ପର୍କରେ ତଦନ୍ତ କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ରାସ୍ତା କାମ କରୁଥିବା ଠିକାସଂସ୍ଥାର ପରିଚାଳକ ଏସ୍ ସିଂ କହିଛନ୍ତି। ଏ ଦିଗରେ ପଦକ୍ଷେପ ନିଆଯିବ।

### ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ

# ଅନୁଗୋଳ କଂଗ୍ରେସର ନିର୍ବାଚନ ସମୀକ୍ଷା



**ଅନୁଗୋଳ,୯।୬**

ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ଏକ ସମୀକ୍ଷା ବୈଠକ ଚନ୍ଦ୍ରବାହାଳ ମନ୍ଦରଗିରି ପାଦ ଦେଶରେ ଅନୁଗୋଳ ଜିଲା କମିଟି ସଭାପତି ଅମ୍ବିକା ପ୍ରସାଦ ଭଞ୍ଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ନିର୍ବାଚନମଣ୍ଡଳୀର ପ୍ରାୟ ସମସ୍ତ ପଞ୍ଚାୟତରୁ ୨ଶହରୁ ଅଧିକ କର୍ମୀ ଯୋଗଦେଇ ନିର୍ବାଚନ ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। କଂଗ୍ରେସ ଦଳର ବାରମ୍ବାର ଜିଲା ସଭାପତି ପରିବର୍ତ୍ତନ ଓ ପ୍ରାର୍ଥୀ ଘୋଷଣାରେ ବିଳମ୍ବ ହେତୁ ନିର୍ବାଚନରେ କାର୍ଯ୍ୟ କରିବାକୁ ସଙ୍ଗଠନ ବହୁ ସୀମିତ ସମୟ ପାଇଥିଲା। କଂଗ୍ରେସ ଦଳ ଜିଲା ସଙ୍ଗଠନକୁ ସୁଦୃଢ଼ କରି କାର୍ଯ୍ୟ କରିବାକୁ ସମସ୍ତ କର୍ମୀ ମତ ପ୍ରଦାନ କରିଥିଲେ ଓ ଜିଲା ସଭାପତିଙ୍କ ନେତୃତ୍ୱରେ ଆଗାମୀ ଦିନରେ କଂଗ୍ରେସ ସଙ୍ଗଠିତ ହେବାକୁ ଆଶା ବ୍ୟକ୍ତ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଜିଲା କଂଗ୍ରେସ ମିଡିଆ ସେଲ ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ନାଥ, ଅନୁଗୋଳ ବ୍ଲକ କଂଗ୍ରେସ ସଭାପତି ଅମୀୟ ମିଶ୍ର, ପରେଶ ଜେନା, କୁମୁଦ ଧର, ବିମଳ ରାକେଶ ମିଶ୍ର, ହେମନ୍ତ ମହାଳିକ, ଶରତ ପ୍ରଧାନ, ଜ୍ୟୋତି ପ୍ରଧାନ, ବିଦ୍ୟାଧର ପ୍ରଧାନ, ମୁରଲୀଧର ସାହୁ, ତୁଷାରକାନ୍ତ ଭଦ୍ର, ଆଲୋକ ଦେହୁରୀ, ସାହିଲ ପ୍ରଧାନ, ଶରତ ସାସମଲ, ଭଜମନ ଦାସ, ବସନ୍ତ ବେଉରା, ତ୍ରିଲୋଚନ ସାହୁ, ଲୋକନାଥ ସାହୁ, ହରେକୃଷ୍ଣ ମହାପାତ୍ର, ଉଚ୍ଛବ ସାମଲ, ପ୍ରକାଶ ପ୍ରଧାନ, ବନବିହାରୀ ପ୍ରଧାନ, ବଟକୃଷ୍ଣ ସେଠୀ, ଅଭିମନ୍ୟୁ ପାତ୍ର, ବୁଢ଼ା ପ୍ରଧାନ, ଦେବରାଜ ସାହୁ, ଚନ୍ଦ୍ର କାନ୍ତ ପ୍ରଧାନ, ପ୍ରାଣବନ୍ଧୁ ପ୍ରଧାନ, ଚୌଧୁରୀ ନାଏକ, ସଲିଳ ଷଡଙ୍ଗୀ, ହିମାଂଶୁ ଧଳ, ନରେଶ ବେହେରା, ମହେଶ୍ୱର ପ୍ରଧାନ, ମନୋଜ ମହାପାତ୍ର, ସୌମେନ୍ଦ୍ର ଦେହୁରୀ, ଦିବାକର ନାଏକ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୪୧ ୟୁନିଟ୍ ରକ୍ତ ସଂଗ୍ରହ

**ତାଳଚେର, ୯।୬ (ମନୋଜ ନନ୍ଦ)**

ତାଳଚେର ଜୁନିଅର ଚାମ୍ବର ଇଣ୍ଟର୍ ନ୍ୟାଶନାଲ (ଜେସିଆଇ) ସର୍ବଭାରତୀୟ ମୋବାଇଲ ରିଟେଲ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଏକ ସେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ତାଳଚେର ରକ୍ତ ଭଣ୍ଡାରରେ ହଠାତ୍ ରକ୍ତର ଅଭାବ ଦେଖା ଦେଇଥିବାରୁ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ତାଳଚେର ମଣ୍ଡାପାଳ ସ୍ଥିତ ରକ୍ତ ଭଣ୍ଡାର ଠାରେ ଜେସିଆଇ ସଭାପତି କୁଶଳ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୪୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରରେ ଜେସିଆଇର ପୂର୍ବତନ ଜୋନ ସଭାପତି ଆଶିଷ ଅଗ୍ରୱାଲ, ଡ. ରଶ୍ମିରଞ୍ଜନ ମିଶ୍ର, ଜେସିଆଇର ପୂର୍ବତନ ସଭାପତି ବାସୁଦେବ ସାହୁ, ବିକାଶ ଅଗ୍ରୱାଲ, ସୋଭେନ ମିଶ୍ର, ପ୍ରଦୀପ ପାଲ, ବିଶ୍ୱରଞ୍ଜନ ସାହୁ ଓ ଅରୁଣ ମୋଦି ପ୍ରମୁଖ ଯୋଗଦେଇ ରକ୍ତଦାନ ଶିବିରରେ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ବାସୁଦେବ ସାହୁ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ତାଳଚେର ରକ୍ତ ଭଣ୍ଡାରର ଡାକ୍ତର ନନ୍ଦୀଙ୍କ ନେତୃତ୍ୱରେ ରକ୍ତ ଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରରେ ମୋବାଇଲ ରିଟେଲ ଆସୋସିଏଶନ ତରଫରୁ ଜନ୍ମେଜୟ ସାହୁ, ବହୁ ସଚେତନ ନାଗରିକ, ବିଭିନ୍ନ ବର୍ଗର ବ୍ୟକ୍ତି ଯୋଗ ଦେଇଥିଲେ।




# ବାଲ୍ୟ ବିବାହ ନେଇ ଅଭିଯୋଗ

**କଣିହାଁ,୯।୬ (ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ସମଲ ଥାନା ଅଞ୍ଚଳରେ ବାଲ୍ୟ ବିବାହକୁ ନେଇ ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ସମଲ ଥାନା ଅଞ୍ଚଳର ଜଣେ ନାବାଳିକା ପ୍ରଥମେ ପ୍ରେମ ବିବାହ କରିଥିଲେ। କିଛି ମାସ ପରେ ଉଭୟ ପରିବାର ମଧ୍ୟରେ ସାମାନ୍ୟ ତିକ୍ତତା ପାଇଁ କନ୍ୟା ପିତା ସମଲ ଥାନାରେ ଅଭିଯୋଗ କରିଥିଲେ। ନାବାଳିକାଙ୍କୁ ବିବାହ କରିଥିବାରୁ ଯୁବକଙ୍କୁ ଜେଲ ଦଣ୍ଡ ଭୋଗିବାକୁ ପଡ଼ିଥିଲା। ମାତ୍ର ଯୁବକ ଜଣକ ଜେଲରୁ ବାହାରିବା ପରେ ଜାଣିବାକୁ ପାଇଲେ ନାବାଳିକାଙ୍କ ପରିବାର ଲୋକେ ଝିଅଙ୍କୁ ପୁରୀ ଅଞ୍ଚଳରେ ୨ୟ ବିବାହ କରାଇଦେଇଛନ୍ତି। ଏ ବିଷୟରେ ସମନ୍ୱିତ ଶିଶୁ ବିକାଶ ବିଭାଗରେ ଲିଖିତ ଅଭିଯୋଗ କରାଯିବା ପରେ ସ୍ଥାନୀୟ ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ତଦନ୍ତ ବେଳେ ଝିଅ ମାଉସୀ ଘରକୁ ଯାଇଛି ବୋଲି ପରିବାର ଲୋକେ କହିଥିଲେ। ତେବେ ସମନ୍ୱିତ ଶିଶୁ ବିକାଶ ବିଭାଗ ଅଧିକାରୀ ଘଟଣାର ଗୁରୁତ୍ୱ ଉପଲବ୍ଧି କରି ତଦନ୍ତ କରି ଅଭିଯୋଗକାରୀଙ୍କୁ ନ୍ୟାୟ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ପର୍କରେ ସମନ୍ୱିତ ଶିଶୁ ବିକାଶ ବିଭାଗ କଣିହାଁ ସିଡିପିଓ ଝୁନୁବଳା ଦେଇ କହିଛନ୍ତି, ଅଭିଯୋଗକୁ ନେଇ କାର୍ଯ୍ୟନୁଷ୍ଠାନ ନିଆ ଯାଇଥିଲା। ବର୍ତ୍ତମାନ ଯେଉଁ ଅଭିଯୋଗ ଆସିଛି ତାହାର ସତ୍ୟତା ଜାଣିବା ପାଇଁ ବିଭାଗୀୟ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ସିମୁଳିଆ,୯।୬(ସନ୍ତୋଷ ନାୟକ):** ବାଲେଶ୍ୱର ଜିଲା ସିମୁଳିଆ ଥାନା ଶ୍ୟାମସୁନ୍ଦରପୁର ଅଞ୍ଚଳର ସୁକାନ୍ତି ନାୟକ(୫୯)ଙ୍କ ରବିବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ଗତ ନିର୍ବାଚନକୁ କେନ୍ଦ୍ରକରି ଅଞ୍ଚଳର କେତେଜଣ ବ୍ୟକ୍ତି ସୁକାନ୍ତିଙ୍କୁ ହତ୍ୟା କରିଥିବା ତାଙ୍କ ସ୍ୱାମୀ ଦାମୋଦର ଥାନାରେ ଅଭିଯୋଗ କରିଛନ୍ତି। ନିର୍ବାଚନ ପ୍ରଚାର ପାଇଁ ଶ୍ୟାମସୁନ୍ଦରପୁର ଅଞ୍ଚଳରେ ଥିବା ଏକ ଘରକୁ ଦାମୋଦର ଭାଜପାକୁ ଭଡ଼ା ସୂତ୍ରରେ ଦେଇଥିଲେ। ଏଥିନେଇ ବିଜେଡି କର୍ମୀ ଓ ସମର୍ଥକମାନେ ସୁକାନ୍ତିଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଅପରପକ୍ଷେ, ଗତ ଶନିବାର ଦାମୋଦର ଜଣେ ବୟସ୍କା ମହିଳାଙ୍କ ନିକଟକୁ ଲେଖିଥିବା ଏକ ଚିଠିକୁ କେନ୍ଦ୍ରକରି ସ୍ଥାନୀୟ ଲୋକ ଓ ଦାମୋଦରଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପଚରାଉଚରା ପାଇଁ କେତେଜଣ ମହିଳା ଓ ଗ୍ରାମବାସୀ ତାଙ୍କ ଘରେ ପହଞ୍ଚି ପାଟିତୁଣ୍ଡ କରିବା ପରେ ସୁକାନ୍ତିଙ୍କର ହୃଦଘାତରେ ମୃତ୍ୟୁ ହୋଇଥିବା କୁହାଯାଉଛି।

# ଗିରାଙ୍ଗର ନୂତନ ଗ୍ରାମ୍ୟ କମିଟି ଗଠିତ

**ବଅଁରପାଳ,୯।୬ (ସୁବାସ ସାହୁ)**



ବଅଁରପାଳ ବ୍ଲକ ଗିରାଙ୍ଗ ଗ୍ରାମର ନୂତନ ଗ୍ରାମ୍ୟ କମିଟି ଗଠନ ହୋଇଯାଇଛି। ଆଜି ଗିରାଙ୍ଗ ଗ୍ରାମ ସ୍କୁଲ ସାହିର ଭଗବତ ଟୁଙ୍ଗୀ ଠାରେ ଗ୍ରାମ୍ୟ କମିଟି ଉପଦେଷ୍ଟା ଡମ୍ବରୁ ଗଡନାୟକଙ୍କ ଅଧ୍ୟକ୍ଷତାରେ ଗ୍ରାମର ପ୍ରତ୍ୟେକ ସାହିର ସଦସ୍ୟଙ୍କ ଗହଣରେ ନୂତନ କମିଟି ଗଠନ କରାଯାଇଛି। ସଭାପତି ଭାବେ ଦୁଃଖବନ୍ଧୁ ଗଡ଼ନାୟକ, ଉପସଭାପତି ସରୋଜ ଦେହୁରୀ, କାର୍ଯ୍ୟକାରୀ ସଭାପତି ରଞ୍ଜନ ନାୟକ, ସମ୍ପାଦକ ପ୍ରଭାକର ଦେହୁରୀ, ସହ ସମ୍ପାଦକ ଜଗବନ୍ଧୁ ଦେହୁରୀ, କୋଷାଧ୍ୟକ୍ଷ ସୌମ୍ୟ ରଞ୍ଜନ ସାହୁ, ସହ କୋଷାଧ୍ୟକ୍ଷ ଟିକନ ବେହେରା, ଉପଦେଷ୍ଟା ଭାବେ ହେମନ୍ତ ସାମଲ, କୁନା ଗଡ଼ନାୟକ, ହାଡ଼ିବନ୍ଧୁ ସାମଲ, ରବୀନ୍ଦ୍ର ସାମଲ, ନିତ୍ୟା ଦେହୁରୀ, ପ୍ରଭାସ ସାମଲ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଗାମୀ ୨ବର୍ଷ ପାଇଁ ଗ୍ରାମବାସୀଙ୍କ ଦ୍ୱାରା କର୍ମକର୍ତ୍ତାମାନେ ନିର୍ବାଚିତ ହୋଇଛନ୍ତି। ଆଗାମୀ ଦିନରେ ଗ୍ରାମର ବିଭିନ୍ନ ସମସ୍ୟା ମୁଖ୍ୟତଃ ଖରାଦିନରେ ପାଣି ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା।

# ଯୁକ୍ତ ୨ କୃତୀ ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା



**ତାଳଚେର,୯।୬ (ମନୋଜ ନନ୍ଦ)**

ଚଳିତବର୍ଷ ଯୁକ୍ତ ୨ ପରୀକ୍ଷାରେ ସଫଳତାର ସହ କୃତକାର୍ଯ୍ୟ ହୋଇଥିବା ତାଳଚେର ଶିଳ୍ପାଞ୍ଚଳ ମହିଳା ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଜ୍ଞା ପାରମିତା ପ୍ରଧାନ କଲେଜ ଟପ୍ପର ହୋଇଥିବା ବେଳେ ୪ଜଣ ପ୍ରଥମ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର କଲେଜ ପକ୍ଷରୁ ଅଧ୍ୟକ୍ଷା ଶିବାନୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଇଥିଲା। ପ୍ରଥମ ଶ୍ରେଣୀରେ କୃତକାର୍ଯ୍ୟ ହୋଇଥିବା ୪ଜଣଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କଲେଜର ସମସ୍ତ ବିଭାଗର ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ସଂରକ୍ଷିତ ଜଙ୍ଗଲରୁ ଗଛ କାଟି ରାସ୍ତା ଫିଟାଇଲେ

**ବୈଶିଙ୍ଗା,୯।୬ (ରତନ ଦାଶ)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ରଙ୍ଗାମାଟିଆ ସଂରକ୍ଷିତ ଜଙ୍ଗଲରୁ ୩ଟି ବଡ଼ ବଡ଼ ଇଉକାଲିପଟାସ ଗଛ କାଟିନେଇ ରାସ୍ତା ଫିଟାଇଲେ ମାଫିଆ। ବୈଶିଙ୍ଗା ବନ ବିଭାଗ କାର୍ଯ୍ୟାଳୟଠାରୁ ଏହା ମାତ୍ର ୩ ଶହ ମିଟର ଦୂର। ୧୮ ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଥିବା ପ୍ରାୟ ୩୦ ଫୁଟ ଓସାରିଆ ମୋରମ ରାସ୍ତା ସଂରକ୍ଷିତ ଜଙ୍ଗଲ ଭିତରେ ତିଆରି କରାଯିବା ଆଉ ବନ ବିଭାଗ ଏହାକୁ ଜାଣି ନ ପାରିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି। ଗ୍ରାମବାସୀଙ୍କ ପକ୍ଷରୁ ଏ ବାବଦରେ ବନ ବିଭାଗକୁ ଅବଗତ କରାଇଥିବା ବେଳେ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ନେଇ ସମୟ ଗଡ଼ାଇ ଚାଲିଥିବା ଅଭିଯୋଗ ହେଉଛି। ଏକ ବର୍ଷ ଧରି ବୈଶିଙ୍ଗା ବନ ଅଧିକାରୀ ପଦବୀ ଖାଲି ପଡ଼ିଛି। ଏଣୁ ଜଙ୍ଗଲ ସୁରକ୍ଷା ନେଇ ପ୍ରଶାସନର ଆନ୍ତରିକତା ମଧ୍ୟ ସନ୍ଦେହଘେରରେ। ଏ ସଂକ୍ରାନ୍ତରେ ବେତନଟୀ ବନପାଳ ମନୱାର ଖାଁ କହିଛନ୍ତି, ଗଛ କଟାଯିବା ଘଟଣାରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ୧୮ ନଂ. ଜାତୀୟ ରାଜପଥରୁ ଓସାରିଆ ମୋରମ ରାସ୍ତା ସଂରକ୍ଷିତ ଜଙ୍ଗଲ ଭିତରେ କିପରି ତିଆରି ହେଲା ପଚାରିବାରୁ ସେ କହିଥିଲେ, ତାଙ୍କ ପୂର୍ବରୁ ଥିବା ଅଧିକାରୀଙ୍କ ସମୟରୁ ଉକ୍ତ ରାସ୍ତା ଫିଟାଯାଇଛି। ଏହାବ୍ୟତୀତ ଏଭଳି ବେଆଇନ କାର୍ଯ୍ୟକଳାପ ରୋକିବା ଆଞ୍ଚଳିକ ବନ ସୁରକ୍ଷା ସମିତି ଅର୍ଥାତ୍ ଗ୍ରାମବାସୀଙ୍କ ଦାୟିତ୍ୱ। ତେବେ ସେ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରିବେ। ଘଟଣାର ଖୋଳତାଡ଼ ହେବା ପରେ ରବିବାର ସନ୍ଧ୍ୟା ସୁଦ୍ଧା ପୂର୍ବରୁ କଟା ହୋଇ ଜନୈକ ବ୍ୟକ୍ତିଙ୍କ ଘରବାଡ଼ିରେ ରଖାଯାଇଥିବା ଗଛର ଗଣ୍ଡିଗୁଡ଼ିକ ବନ ବିଭାଗ ନିଜ ହେପାଜତକୁ ନେଇଯାଇଥିବା ସୂଚନା ମିଳିଛି।

# ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଶ୍ରଦ୍ଧାଞ୍ଜଳି



**ଅନୁଗୋଳ,୯।୬**

ସ୍ୱାଧୀନତା ସଂଗ୍ରାମୀ ବର୍ସା ମୁଣ୍ଡାଙ୍କ ତିରୋଧାନ ଦିବସ ଅନୁଗୋଳ ଜିଲା ନାଲ୍‌କୋ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସଂଘ ଆନୁକୂଲ୍ୟରେ ନାଲକୋନଗରସ୍ଥ ବିର୍ସା ମୁଣ୍ଡା ଉଦ୍ୟାନଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି କେଦାର ନାଥ ଦେହୁରୀଙ୍କ ସଭାପତିତ୍ୱରେ ଅତିଥି ଭାବେ ସ୍ମେଲଟର ପ୍ଲାଣ୍ଟର ସିନିଅର ମ୍ୟାନେଜର ଅଭିରାମ ହାଁସଦା ଯୋଗଦେଇ ବିର୍ସାମୁଣ୍ଡାଙ୍କ ଜୀବନୀ, ଅବଦାନ, ଆଦର୍ଶ ଉପରେ ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ। ସମସ୍ତ ଉପସ୍ଥିତ ସଦସ୍ୟ ଓ ମହିଳା ସଦସ୍ୟମାନେ ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ଭୀମ ଭୋଇଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇ ସଂଘ କାର୍ଯ୍ୟାଳୟରେ ଆଲୋଚନାଚକ୍ର ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ଉପସଭାପତି ଅକ୍ଷୟ କୁମାର ବଦ୍ରା, ସାଙ୍ଗଠନିକ ସମ୍ପାଦକ ତୈଲୋକ୍ୟ କୁମାର ନାୟକ, ସହକୋଷାଧ୍ୟକ୍ଷ ଆଲୋକ କୁମାର ମାଝି, ନୀଳମାଧବ ବେହେରା, ଧନେଶ୍ୱର ବେହେରା, ସୁରେନ୍ଦ୍ର ନାଥ ଅମଙ୍ଗ, ଛବିନ୍ଦ୍ର ଭୋଇ, ଯଦୁନାଥ ପ୍ରଧାନ, ପୁଷ୍ପକ ତୁବିଡ, ବନବିହାରୀ ନାଏକ, କ୍ଷେତ୍ରମୋହନ ଭୋଇ, ରାଜୁ ପୂର୍ତ୍ତି, ଚନ୍ଦ୍ରମୋହନ ମୁଣ୍ଡରୀ, ଉମାକାନ୍ତ ମୁଣ୍ଡା, ବିର୍ସାସିଦ୍ଧୁଙ୍କ ସହଯୋଗରେ ସଫଳ ହୋଇଥିଲା। ସାଧାରଣ ସମ୍ପାଦକ କୃଷ୍ଣ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୀମ ଭୋଇଙ୍କ ଜୟନ୍ତୀ ଉତ୍ସବ ପାଳିତ

**ଅନୁଗୋଳ,୯।୬**

ଅନୁଗୋଳ ଜିଲା ନାଲ୍‌କୋ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସଂଘ ଅଫିସରେ ଭୀମଭୋଇଙ୍କ ଜୟନ୍ତୀ ଉତ୍ସବ ମହା ସମାବେଶରେ ଅନୁଷ୍ଠିତ ହୋଇଯାଇଛି। ଭୀମ ଭୋଇ ଜୟନ୍ତୀ ପାଳନ କମିଟି ସଭାପତି ପାର୍ଥସାରଥୀ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ନବୀନ କୁମାର ବେହେରା, ମୁଖ୍ୟ ବକ୍ତାଭାବେ ହେମନ୍ତ ଦଳପତି, ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ କୁମାର ନାୟକ, ନାଲ୍‌କୋ ଏସ୍‌ସି ଓ ଏସ୍‌ଟି କର୍ମଚାରୀ କଲ୍ୟାଣ ସଂଘ ସାଧାରଣ ସମ୍ପାଦକ କୃଷ୍ଣ ସିଂ ଯୋଗଦେଇ ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଭୀମ ଭୋଇ, ବିର୍ସାମୁଣ୍ଡା, ଡକ୍ଟର ବି.ଆର. ଆମ୍ବେଡକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଯଦୁନାଥ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ବେହେରା ଭୀମ ଭୋଇଙ୍କ ସଂଘର୍ଷମୟ ଜୀବନ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଦଳପତି ଭୀମଭୋଇଙ୍କ ଦର୍ଶନ ଓ ପ୍ରକୃତିର ସଂରକ୍ଷଣ ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଆଦିବାସୀଙ୍କ ଉନ୍ନତି ହେଲେ ଦେଶର ଉନ୍ନତି ହେବ ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମରେ ତୈଲୋକ୍ୟ କୁମାର ନାୟକ, ଯଦୁନାଥ ପ୍ରଧାନ, ଆଲୋକ କୁମାର ମାଝି, ସୁରେଶ ଚନ୍ଦ୍ର ବେହେରା, ଛବିନ୍ଦ୍ର ଭୋଇ, ରମେଶଚନ୍ଦ୍ର ପ୍ରଧାନ, ଶରତ ବର୍ଗୀଆ, ପଦ୍ମଲୋଚନ ବର୍ଗୀଆ, ମନୋରଞ୍ଜନ ହିମିରିକା, ପାଣ୍ଡବ ବେହେରା, ଯୋଗୀନାଥ ବେହେରା ପ୍ରମୁଖ ସହଯୋଗରେ କରିଥିଲେ। ଉପସଭାପତି ଅକ୍ଷୟ କୁମାର ବଦ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

